# ରୋଡ୍ ଶୋ କରି ଲୋକଙ୍କ ସହ ମିଶିଲେ

## ଜୟପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ନେତାଙ୍କ ନିର୍ବାଚନୀ ପ୍ରଚାର

ଜୟପୁର,୨।୫(ପବନ ପାଣିଗ୍ରାହୀ)

ମେ ୧୩ରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ସେଥିପାଇଁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଚଳିତ ସାଧାରଣ ନିର୍ବାଚନରେ ଜୟପୁର ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଆଲୋଚନା ହେଉଛି। ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବାକୁ ନିଜ ଦଳର ଷ୍ଟାର ପ୍ରଚାରକମାନେ ମଧ୍ୟ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ଇନ୍ଦିରା ନନ୍ଦ ଏବଂ କୋରାପୁଟ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କ ପାଇଁ ବିଜେଡିର ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ବୁଧବାର ପ୍ରଚାର ଆରମ୍ଭ କରି ବିଜେଡିକୁ ଭୋଟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରି ଆଶୀର୍ବାଦ ଦେବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପାଣ୍ଡିଆନ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ସେ କହିଲେ, ରାଜ୍ୟରେ ଚାଲିଥିବା ମିଶନ ଶକ୍ତି ଓ ବିଜୁ ସ୍ୱାସ୍ଥ୍ୟକାର୍ଡକୁ ଜଣେ କେନ୍ଦ୍ରମନ୍ତ୍ରୀ ବନ୍ଦ କରିବାକୁ ଯୋଜନା କରୁଛନ୍ତି। ଜୟପୁର ଏୟାରପୋର୍ଟରେ ପହଞ୍ଚିବା ପରେ ସେ ଜୟପୁର ଦଶହରା ପଡିଆରେ ପହଞ୍ଚି ଆୟୋଜିତ ସଭାରେ ଉଦ୍‌ବୋଧାନ ଦେଇଥିଲେ। ପରେ ଆମ୍ବେଡକର ଛକରୁ ରୋଡ଼ ଶୋ କରି ମୁଖ୍ୟ ଟ୍ରାଫିକ ଛକ, ପୁରୁଣା ହସ୍ପିଟାଲ ଛକ, ଜଗତଜନନୀ ଛକ, ମୁଖ୍ୟ ପୋଷ୍ଟ ଅଫିସ ଛକ, ହୋଟେଲ ମହାରାଜା ଛକ, ରାଜମହଲ ଛକ, କେସିସି ବ୍ୟାଙ୍କ ଛକ, ଇନ୍ଦିରା ଛକ, ଜୟପୁର ବେଲ ରୋଡ ଛକ, ସଙ୍ଗୀତ ହୋଟେଲ ଛକ, ୱେଲକମ ଛକ ପରିକ୍ରମା କରିଥିଲେ। ପ୍ରତ୍ୟେକ ଛକରେ ବିଜେଡି ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ।



ଲୋକଙ୍କ ସହ ସାମିଲ ହୋଇଛନ୍ତି କାର୍ତ୍ତିକ ପାଣ୍ଡିଆନ୍ ।

## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

କୋରାପୁଟ,୨।୫(ଅମିତାଭ ବେହେରା )

କୋରାପୁଟ ସହରର ହାଟପଦା ଅଞ୍ଚଳରେ ଜଣେ ବୃଦ୍ଧା କୂଅରୁ ପାଣି କାଢୁଥିବା ବେଳେ ଅସାବଧାନବଶତଃ କୂଅରେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ସହର ହାଟପଦା ଅଞ୍ଚଳର ଗାୟତ୍ରୀ ରାଓ (୭୫)। ଗାୟତ୍ରୀ ବୁଧବାର ନିଜ ଘର ନିକଟରେ ଥିବା ଏକ କୂଅରୁ ଦଉଡ଼ିରେ ପାଣି କାଢୁଥିବାବେଳେ ହଠାତ୍ କୂଅରେ ପଡ଼ିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ କୋରାପୁଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ହାବିଲଦାର ସନ୍ଦୀପ ସାମନ୍ତରାୟଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି କୂଅ ଭିତରକୁ ଲୁହା ଶିଡି ପକାଇ ଗାୟତ୍ରୀଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଖବରପାଇ କୋରାପୁଟ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

### ସିୟୁଓରେ ୨ଦିନିଆ ଜାତୀୟ ଆଲୋଚନାଚକ୍ର

କୋରାପୁଟ,୨।୫(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ପକ୍ଷରୁ ନିକଟରେ ସୁନାବେଡ଼ା କ୍ୟାମ୍ପସରେ 'ଜାତୀୟ ଶିକ୍ଷାନୀତି ୨୦୨୦: ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ୨ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶିକ୍ଷା ମଣ୍ଡଳ ସହଯୋଗରେ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଭାରତୀୟ ଶିକ୍ଷା ମଣ୍ଡଳର ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ବି.ଆର୍. ଶଙ୍କରାନନ୍ଦ ଯୋଗ ଦେଇଥିଲେ। ଛତିଶଗଡ଼ ଅମ୍ବିକାପୁରସ୍ଥିତ ସନ୍ଥ ଗହୀରା ଗୁରୁ ସରଗୁଜା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରୋହିଣୀ ପ୍ରସାଦ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଜାତୀୟ ବିକାଶ ପାଇଁ ସାମାଜିକ ଉତ୍ତରଦାୟିତ୍ୱ ଏବଂ ସାଙ୍ଗଠନିକ ଏକତାର ଗୁରୁତ୍ୱ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ଭୀକତାର ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୋଟ ନାମଲେଖା ଅନୁପାତ (ଜିଇଆର୍) ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ଆଲୋଚନାଚକ୍ରର ଶେଷ ଅଧିବେଶନରେ ସିୟୁଓ କୁଳପତି ତ୍ରିପାଠୀ ମୁଖ୍ୟ ଅତିଥି, ଛତିଶଗଡ଼ ଅମ୍ବିକାପୁରସ୍ଥିତ ସନ୍ଥଗହୀରା ଗୁରୁ ସରଗୁଜା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରୋହିଣୀ ପ୍ରସାଦ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ପ୍ରଫେସର ଗଗନ ବିହାରୀ ସୁଆର ଧନ୍ୟବାଦ ଦେଇଥିଲେ।

### କେନାଲରେ ଭାସୁଥିବା ଯୁବକଙ୍କ ମୃତଦେହ ଜବତ

ଜୟପୁର, ୨।୫ (ପବନ ପାଣିଗ୍ରାହୀ)

କେନାଲରେ ଭାସୁଥିବା ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜୟପୁର ସଦରପୋଲିସ ଜବତ କରିଛି। ସଦର ଥାନା ଅନ୍ତର୍ଗତ ଛତଡିପୁଟ କେନାଲ ନିକଟରେ ଏହି ମୃତଦେହ ପଡିଥିଲା। ଏନେଇ ସୁଚନା ପାଇ ସଦର ପୋଲିସ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖିଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଏହାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# 'କଂଗ୍ରେସ ନିର୍ଣ୍ଣାୟକ ଭୂମିକା ନେଇଥାଏ'



ସମାବେଶରେ ଉପସ୍ଥିତ ମହିଳାପୁରୁଷ।

କୁନ୍ଦୁରା,୨।୫ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମ ଦିଆନଙ୍କ ପାଇଁ ଏହି ଶୋଭାଯାତ୍ରା ଡିଶାରିଗୁଡ଼ାଠାରେ ହୋଇଥିଲା। ବାଣୁଆଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ଲାଛନାଗୁଡ଼ା, ଭାଟିଗୁଡ଼ା,କେନ୍ଦୁଗୁଡ଼ା, ନାରାଗାଁ, ମାଝିଗୁଡ଼ା, ବାଣୁଆଗୁଡ଼ା, କସମଗୁଡ଼ା, ତାରାପୁଟ୍ ଏବଂ ଡିଶାରିଗୁଡ଼ାର ୩ଶହରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇ କଂଗ୍ରେସ ପାଇଁ ପ୍ରଚାର କରିଥିଲେ। ଏହି ଅବସରରେ ଡିଶାରିଗୁଡ଼ାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ୨୦୧୯ ପୂର୍ବରୁ କୁନ୍ଦୁରାରେ ରହିଥିବା କଂଗ୍ରେସଗଡକୁ ସୁଦୃଢ କରିବାକୁ ଆଲୋଚନା ହୋଇଥିବା ଯୁବ କଂଗ୍ରେସ ସଭାପତି ରାଜେଶ ଗୁରୁ ସୂଚନା ଦେଇଛନ୍ତି। ଦୀର୍ଘ ୫ବର୍ଷ ଧରି ବିଜେଡିରୁ ବିଧାୟିକା ହୋଇ ଅଞ୍ଚଳର କୌଣସି ଉନ୍ନତି କରି ନ ଥିବା ନେତାଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ଦଳର ବରିଷ୍ଠ ନେତା ଭବାନୀ ଶଙ୍କର ରଥ ଓ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲାର କୁନ୍ଦୁରା ବ୍ଲକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏଠାରେ ନିର୍ବାଚନ ସମୟରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ।

## ବିଜେଡି ଛାଡ଼ି କଂଗ୍ରେସରେ ସାମିଲ ହେଲେ ନେତା, କର୍ମୀ

ଜୟପୁର, ୨।୫ (ପବନ ପାଣିଗ୍ରାହୀ)

ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ପ୍ରକାଶ କରି ବିଜେଡି ଛାଡି କଂଗ୍ରେସରେ ଗୁରବାର ଅନେକ ନେତା ଓ କର୍ମୀ ସାମିଲ ହୋଇଛନ୍ତି। ଜୟପୁର ପୌରାଞ୍ଚଳ ୨୧,୨୨ ଓ ୨୩ ନମ୍ବର ୱାର୍ଡର ନେତା ଓ କର୍ମୀମାନେ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଜଣାପଡିଛି। ଏନେଇ ଜୟପୁର ରଜାନହରସ୍ଥିତ ଏକ କଲ୍ୟାଣ ମଣ୍ଡପରେରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଧାୟକ ବାହିନୀପତି ନବାଗତମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ସେମାନଙ୍କ ପାଇଁ ଜୟପୁର ନିର୍ବାଚନ ମଣ୍ଡଳୀରେ ଦଳ ଆହୁରିସଶକ୍ତ ହେବ ବୋଲି ଏହି ଅବରରେ ବାହିନୀପତି କହିଛନ୍ତି।

## ଜାଲ୍ ଦସ୍ତାବିଜରେ ଟେଣ୍ଡର ହାତେଇବା ମାମଲାରେ ଜଣେ ଗିରଫ

ଜୟପୁର, ୨।୫ (ପବନ ପାଣିଗ୍ରାହୀ)

ଜାଲ୍ ଦସ୍ତାବିଜରେ ଟେଣ୍ଡର ହାତେଇବା ମାମଲାରେ ପୁଣି ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେ ହେଲେ ପୁଜାରିପୁଟର ଗୋପାଳ କୃଷ୍ଣ ନାୟକ। ଗତ ୨୦୧୭ରେ ଜାଲ ଦସ୍ତାବିଜ ଦେଇ ଗୋପାଳ ଟେଣ୍ଡର ହାତଇବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ସେତେବେଳେ କୋର୍ଟଚାଲାଣ କରଥିଲା। ଏହି ମାମଲାରେ ଜଡିତ ଅଭିଯୁକ୍ତ ଗୋପାଳ ଫେରାର ଥିଲେ। ସେ ଜୟପୁରରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଛି। ଗୋପାଳ ଏବେ ବୋରିଗୁମ୍ମା ଥାନା ପୁଜାରିପୁଟ ପାଇକସାହି ଜୟନଗରରେ ରହୁଛନ୍ତି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଶ୍ରମିକ ଦିବସର ମହତ୍ତ୍ୱ ବୁଝାଇଲେ ଅତିଥି

**ଅନ୍ତର୍ଜାତୀୟ ଶ୍ରମିକ ଦିବସ**

ଜୟପୁର,୫।୨ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୁଧବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ତଥା ବିଚାରପତି ସୁମନ ଜେନା ଏବଂ ଡେପୁଟି ଚିଫ୍ ଲିଗାଲ ହେଡ୍ ହରିଶ୍ଚନ୍ଦ୍ର ମୁଦୁଲି ଯୋଗଦେଇ ଅନ୍ତର୍ଜାତୀୟ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ଉପରେ ଅବଗତ କରିଥିଲେ। ଏହି ଅବସରରେ ପ୍ରାଧିକରଣ ପକ୍ଷରୁ ବିନା ମୂଲ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ଅବଗତ କରାଇଥିଲେ। ଏହାର ସୁଯୋଗ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ବିଜେଡିରୁ ଇସ୍ତଫା ଦେଲେ ରାଜକିଶୋର

ସୁନାବେଡ଼ା/ସେମିଳିଗୁଡ଼ା, ୨।୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଆଗାମୀ ନିର୍ବାଚନକୁ ନେଇ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ କୋରାପୁଟ ଜିଲା ବିଜେଡିର ଜଣେ ପୁରୁଖା ନେତା ଡ. ରାଜକିଶୋର ନାୟକ ବୁଧବାର ଦଳରୁ ଇସ୍ତଫା ଦେଇଛନ୍ତି । ଜନତା ଦଳରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ନାୟକ ଦୀର୍ଘ ୪୦ ବର୍ଷ ଧରି ପ୍ରଥମେ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରି ଆସୁଥିଲେ। ବିଜେଡିକୁ ତୃଣମୂଳ ସ୍ତରରୁ ସୁଦୃଢ କରିବାରେ ସେ କାର୍ଯ୍ୟ କରୁଥିଲେ। ତାଙ୍କୁ ଦଳ ଅଣଦେଖା କରିବାରୁ ସେ ଇସ୍ତଫା ଦେଇଥିବା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଶ୍ରମିକ ଦିବସ



ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି ।

ମାଲକାନଗିରି, ୨।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ ତରଫରୁ ଶ୍ରମିକ ଦିବସ ସଂଘ ସଭାପତି ରାମଚନ୍ଦ୍ର ମାଡକାମିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁ ସାଥୀ ସଂଗଠନ ଓ ମାଲକାନଗିରି ଜିଲାସ୍ଥିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ମିଳିତ ଭାବେ ଏକ ବିଶାଳ ଶୋଭାଯାତ୍ରା ସହ ସହର ପରିକ୍ରମାକରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ମାଲକାନଗିରି ଜିଲାକୁ ଅବିଳମ୍ବେ ଦାଦନ ଜିଲା ଘୋଷଣା, ବାର୍ଷିକ ୧୦୦ଦିନ ପରିବର୍ତ୍ତେ ୩୦୦ ଦିନ ଶ୍ରମ ଦିବସ, ଶ୍ରମ ମଜୁରି ୨୫୪ ପରିବର୍ତ୍ତେ ୪୦୦ ଟଙ୍କା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କ ଜମି ଚିହ୍ନଟକରି ଘରଡିହ ପଟ୍ଟା ପ୍ରଦାନ, ଶ୍ରମିକମାନଙ୍କ ବେରୋଜଗାର ଏବଂ ସ୍ୱଳ୍ପ ରୋଜଗାର ଦୃଷ୍ଟିରୁ ସମସ୍ତ ଜବ୍‌କାର୍ଡଧାରୀ ପରିବାରକୁ ମାଗଣା ବିଦ୍ୟୁତ୍ ଭୂମିହୀନ ଏମ୍‌ଏନ୍‌ଆର୍‌ଇଜିଏସ୍ ଶ୍ରମିକମାନଙ୍କୁ ରାଜସ୍ୱ ଗ୍ରାମର ସରକାରୀ ଜମି ଚିହ୍ନଟକରି ୫ ଏକର ଜମି, ସମସ୍ତ ଶ୍ରମିକମାନଙ୍କୁ ବାଧ୍ୟତାମୂଳକ ଜୀବନବୀମା ରାଶିଭୁକ୍ତ କରାଯିବା ଇତ୍ୟାଦି ଦାବିରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମରେ ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅଂଶଗ୍ରହଣ କରିଥିଲେ ।

# ଦେଶର ପ୍ରଗତିରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଲୁମିନା ମଜଦୁର ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦାମନଯୋଡି,୨।୫ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ଆଲୁମିନା ମଜଦୁର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ସିଆଇଟିୟୁର ଓଡ଼ିଶା ରାଜ୍ୟ ସମ୍ପାଦକ ଉଲ୍ଲାସ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ନାଲ୍‌କୋ ମାଇନ୍ସ କର୍ମଚାରୀ ତଥା ଶ୍ରମିକ ନେତା କରୁଣାକର ସେଠୀ, ସିଆଇଏସ୍‌ଏଫ୍ ଇନ୍ସପେକ୍ଟର ଜିତେନ ଚୌଧୁରୀ, ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା ସମ୍ମାନିତ ଅତିଥି, ନାଲ୍‌କୋ ୬ଟି ଶ୍ରମିକ ସଙ୍ଗଠନର କୋ-ଅର୍ଡିନେଶନ କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ଦେଶର ପ୍ରଗତିରେ ଶ୍ରମିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ଗୁରୁତ୍ୱଦେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମାକରି ମାଥାଲପୁଟ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଆଲୁମିନା ମଜଦୁର ସଂଘ ସଭାପତି କୁନା ଖୋରା, ସାଧାରଣ ସମ୍ପାଦକ ଅର୍ଜୁନ ଚୌଧୁରୀ, ଉପସଭାପତି କୁମୁଟି ନାୟକ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ବାରିକ, କୋଷାଧ୍ୟକ୍ଷ ସତୀଶ ଜେନା ପରିଚାଳନା କରିଥିଲେ।

# ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ କୋଟପାଡ଼ ଗସ୍ତ

କୋଟପାଡ଼,୨।୫ (ଡି.ଏନ.ଏ.)

ନବରଙ୍ଗପୁର ଲୋକ ସଭା ଆସନ ଅନ୍ତର୍ଗତ କୋଟପାଡ଼ ବିଧାନସଭା ନିର୍ବାଚନମଣ୍ଡଳୀକୁ ବୁଧବାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରୂପେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭା ସଦସ୍ୟ ବିପ୍ଳବ କୁମାର ଦେ ଗସ୍ତ କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନବରଙ୍ଗପୁର ଗସ୍ତ ଉପରେ ଆଲୋଚନା ହୋଇଥିଲା। ପରେ ସ୍ୱତନ୍ତ୍ର ଭାବରେ କୋଟପାଡ଼ରେ ଦଳକୁ ମଜଭୁତ କରିଥିବା ସାମାଜିକ କର୍ମୀ ଗଣେଶ ପଣ୍ଡାଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବର୍ତ୍ତମାନ ସମୟରେ ସ୍ଥାନୀୟ ଦଳୀୟ ପଦାଧିକାରୀଙ୍କ ଦ୍ୱାରା ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖାକରିବା, ତୃଣମୂଳ ସ୍ତରରେ ଦଳୀୟ କର୍ମୀ ସଂଖ୍ୟା ବୃଦ୍ଧି ନ ହେବା ଏବଂ ଦଳୀୟ ପଦାଧିକାରୀ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚୁ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗଣେଶ ପଣ୍ଡା ପୁଣି ଦଳରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ଆଲୋଚନା ବେଳେ ମତ ପ୍ରକାଶ ପାଇଥିଲା।

# ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ସୁନାବେଡ଼ା/ସେମିଳିଗୁଡ଼ା,୨।୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ସେମିଳିଗୁଡ଼ା ପୋଲିସ ଥାନା ଅଧିକାରୀ ସଚ୍ଚୀନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସକାଳ ସାଢେ ୯ଟାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ମହିନ୍ଦ୍ରା ଜାଇଲୋ (ଏପି ୩୭ ଡିଇ ୮୪୦୩)ରୁ ଗଞ୍ଜେଇ ଜବତ କରାଯାଇଛି। ବେହେରାଗୁଡାସ୍ଥିତ ଭାରତମାଳା ରାସ୍ତା ନିର୍ମାଣରେ ନିୟୋଜିତ ଗାଡ଼ି ଛିଡା ହୋଇଥିଲା। ଗାଡି ଚକାରେ ପମ୍ପ ନ ଥିବା ବେଳେ ଆଖପାଖରେ କେହି ନ ଥିଲେ । ଫଳରେ ପୋଲିସ ସନ୍ଦେହରେ ସେମିଳିଗୁଡା ତହସିଲଦାରଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ତହସିଲଦାର ୨ଜଣ ସାକ୍ଷୀ ଦୁଧାରୀ ଗ୍ରାମର ଆର୍‌ଆଇ ବନଜଲକ୍ଷ୍ମୀ ବେହେରା ଓ ଏଆର୍‌ଆଇ ସତ୍ୟନାରାୟଣ ଶବରଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ସେମାନଙ୍କ ଉପସ୍ଥିତିରେ ଗାଡ଼ିର ପଛ କାଚ ଭଙ୍ଗାଯାଇଥିଲା । ଗାଡ଼ି ଯାଞ୍ଚ ବେଳେ ଗାଡ଼ିର ପଛ ସିଟ ତଳୁ ୨୩ଟି ଜରିବସ୍ତାରୁ ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇକୁ ସେଲୋ ଟେପ୍‌ରେ ଗୁଡ଼ାଯାଇ ୧୩୬ ପ୍ୟାକେଟ୍ କରାଯାଇଥିଲା। ପରେ ସେମିଳିଗୁଡ଼ା ଥାନା କେସ୍ ନଂ. ୬୬/୨୪ରେ ମାମଲା ରୁଜୁକରି ଗାଡି ଏବଂ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ପରିମାଣ ୩୮୧ କେଜି ୯୪୦ ଗ୍ରାମ। ଏହାର ବଜାର ମୂଲ୍ୟ ୩୮ ଲକ୍ଷ ଟଙ୍କା ହେବ ବୋଲି ଗୁରୁବାର ସେମିଳିଗୁଡ଼ା ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ କହିଛନ୍ତି। ସେମିଳିଗୁଡା ଥାନା ଅଧିକାରୀ ଦାୟିତ୍ୱରେ ରହିଥିବା ଆଇପିଏସ୍ ପ୍ରୋବେଶନାରି ପାର୍ଥ କଶ୍ୟପ ଏହାର ତଦନ୍ତ କରୁଛନ୍ତି।



ଜବତ ଗଞ୍ଜେଇ।

# ଶୋଭାଯାତ୍ରା କରି ଦାବିପତ୍ର ଦେଇ ଶ୍ରମିକ ଦିବସ ପାଳିଲେ

କୋରାପୁଟ,୨।୫(ଅମିତାଭ ବେହେରା)

କୋରାପୁଟରେ ଉତ୍କଳ ମଜୁଦର ସଂଘ ପକ୍ଷରୁ ବୁଧବାର ଶ୍ରମିକ ଦିବସ ପାଳିତ ହୋଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଟାଉନ ହଲରେ ହୋଇଥିବା ସାଧାରଣ ସଭାରେ ସଂଘ ସଭାପତି ସଲମନ ଖରା ସଭାପତିତ୍ୱ କରିଥିଲେ। ସଂଘ କାର୍ଯ୍ୟାଳୟଠାରୁ ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ଜିଲାପାଳ ଭି. କିର୍ତ୍ତିଭାସନଙ୍କୁ ପ୍ରଦାନ କରାଯାଇଥିଲା। ସଂଘ ଉପଦେଷ୍ଟା ଗୁପ୍ତେଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଶ୍ରମିକମାନଙ୍କ ସମସ୍ୟା ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରି ଆସୁଛନ୍ତି ପାଣିଗ୍ରାହୀ ଅଭିଯୋଗ କରିଥିଲେ । ସଂଘ ସଭାପତି ସଲମାନ ଖରା, ଆଇନ ପରାମର୍ଶଦାତା ନୃସିଂହ ପଟ୍ଟନାୟକ, ସଂଘ ବରିଷ୍ଠ ନେତା ପ୍ରଶାନ୍ତ ବାଘ, ସମ୍ପାଦକ ସଦନ ଜାନି, ଯୁଗ୍ମ ସମ୍ପାଦକ ସମିର ସୁନା ସାମିଲ ହୋଇଥିଲେ।





ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ଅଚଳ ହୋଇ ପଡ଼ିରହିଛି ଲକ୍ଷ୍ମୀ ବସ୍

ଟିକିରି,୨।୫ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ହନୁମାନ ମନ୍ଦିର ନିକଟରେ ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିରହିଛି ଲକ୍ଷ୍ମୀ ବସ୍ । ଏହି ବସ କାଶୀପୁରଠାରୁ ଚନ୍ଦ୍ରଗିରି ଯାତାୟାତ କରୁଥିଲା, କିନ୍ତୁ ଏବେ କିଛି ଦିନ ହେଲା ଏହା ଅଚଳ ପଡି ରହିଥିବାରୁ ଗ୍ରାମାଞ୍ଚଳ ଯାତ୍ରୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ବସ୍ କାର୍ଯ୍ୟକ୍ଷମ ପାଇଁ ଚନ୍ଦ୍ରଗିରି ଅଞ୍ଚଳବାସୀ ଦାବି କରିଛନ୍ତି।

### କେନ୍ଦ୍ର ମନ୍ତ୍ରୀଙ୍କ ହେଲିକପ୍ଟର ଯାଞ୍ଚ



ରାଇଘର, ୨।୫(କିରଣ ପଟ୍ଟନାୟକ)

କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଗୁରୁବାର ଉମରକୋଟବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ରାଇଘରସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ନିର୍ବାଚନ ସଭାରେ ଯୋଗ ଦେଇଥିଲେ। ଏହି ସମୟରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରମନ୍ତ୍ରୀଙ୍କ ହେଲିକପ୍ଟରକୁ ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ତଥା ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝି ଓ କନିଷ୍ଠ ଯନ୍ତ୍ରୀ ଦୁର୍ଗାଚରଣ ହାଁସଦା ଯାଞ୍ଚ କରିଥିଲେ। ପ୍ରାୟ ୨୦ ରୁ ୨୫ ମିନିଟ୍ ଯାଞ୍ଚ କରାଯିବା ପରେ ସେଥିରୁ କିଛି ନ ମିଳିବାରୁ ତାହାକୁ ଯିବାକୁ ଦିଆଯାଇଥିଲା ବୋଲି ସୂଚନା ମିଳିଛି।

### ଇଭିଏମ୍, ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ପରିଚାଳନା ତାଲିମ

ନବରଙ୍ଗପୁର,୨।୫(ସଦାଶିବ ପ୍ରହରାଜ)

ସାଧାରଣ ନିର୍ବାଚନ ପାଇଁ ପୋଲିଂ ଅଧିକାରୀ ମାନଙ୍କର ଦ୍ୱିତୀୟ ରାଉଣ୍ଡ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ନିର୍ବାଚନ ସମୟରେ ଇଭିଏମ ମେସିନ ପରିଚାଳନା ଓ ନିର୍ବାଚନ ସମ୍ବନ୍ଧୀୟ କାଜଗପତ୍ର କାର୍ଯ୍ୟ ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏହା ୩ ଦିନ ଧରି ଚାଲିବ। ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ ନବରଙ୍ଗପୁର, ଭୈରବ କଲେଜ ଡାବୁଗାଁ, ଭୈରବ ହାୟର ସେକଣ୍ଡାରୀ ସ୍କୁଲ ଡାବୁଗାଁ, ପଞ୍ଚାୟତ ହାୟର ସେକଣ୍ଡାରୀ ସ୍କୁଲ ଡାବୁଗାଁ, ଏସ୍ଏସ୍ ସରକାରୀ ଉଚ୍ଚବିଦ୍ୟାଳୟ ଉମରକୋଟ, ବିଜୁ ଏସ୍‌ଟି ମହିଳା ହାୟର ସେକଣ୍ଡାରୀ ସ୍କୁଲ ଉମରକୋଟ, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝରିଗାଁଠାରେ ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ମାଷ୍ଟର ଟ୍ରେନର ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ତାଲିମ୍ ଶିବିରରେ ପୋଷ୍ଟାଲ ବେଲ୍ଟ . ମାଧ୍ୟମରେ ମତଦାନ କରୁଥିବା ପୋଲିଂ ଅଧିକାରୀମାନେ ମତଦାନ କରିପାରିବେ। ଦ୍ୱିତୀୟ ରାଉଣ୍ଡରେ ଇଭିଏମ୍, ଭିଭିପିଏଟି ରେଣ୍ଡୋମାଇଜସନ୍ କାର୍ଯ୍ୟ ତଦାରଖ କରାଯାଇଛି।

# ଆଦିବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଛି କଂଗ୍ରେସ

## କେନ୍ଦ୍ର,ରାଜ୍ୟ ସରକାରଙ୍କୁ ଟାର୍ଗେଟ୍‌କଲେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)




ଖବରଦାତା ସମ୍ମିଳନୀରେ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀଙ୍କ ସହ ଏମ୍‌ପି ପ୍ରାର୍ଥୀ ଓ ଅନ୍ୟ କଂଗ୍ରେସ ନେତା।

ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ମାଲୁ ଭାଟି ବିକ୍ରମାର୍କା ଗୁରୁବାର ରାୟଗଡ଼ା ଗସ୍ତରେ ଆସି ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କର୍ପୋରେଟମାନଙ୍କ ପାଇଁ ଖୋଲା ସମର୍ଥନ କରୁଛନ୍ତି। ଖଣିଜ ସମ୍ପଦ ଓ ସମ୍ବଳଗୁଡିକ ମନଇଚ୍ଛା କର୍ପୋରେଟ୍ ହାତକୁ ଟେକି ଚାଲିଛନ୍ତି। ଏଣେ ପୁଣି ଭାଜପା ସରକାର କେନ୍ଦ୍ରରେ ଆସିଲେ ସମ୍ବିଧାନ ବଦଳିବା ସହ ସଂରକ୍ଷଣ ଶେଷ ହୋଇଯିବ ବୋଲି ବିକ୍ରମାର୍କା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଆଦିବାସୀଙ୍କ ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦେଇଛନ୍ତି ରାହୁଲ ଗାନ୍ଧୀ। ରାୟଗଡ଼ା ଜିଲାର ନିୟମଗିରିଠାରୁ ଆରମ୍ଭ କରି ଦେଶର ଅନ୍ୟ ସ୍ଥାନରେ ଆଦିବାସୀଙ୍କ ଅଧିକାର, ଜୀବିକା ସମେତ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ରାହୁଲ ଗାନ୍ଧୀ ସବୁବେଳେ ସ୍ୱର ଉତ୍ତୋଳନ କରି ଆସୁଛନ୍ତି। ୨୦୧୦ରେ ନିୟମଗିରି ପାହାଡ଼ର ସୁରକ୍ଷା ଏବଂ ଆଦିମ ଜନଜାତି ସମ୍ପ୍ରଦାୟର ଜୀବନ ଜୀବିକା କଥାର ଉଦାହରଣ ଦେଇ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ବିକ୍ରମାର୍କା ଏହା କହିଛନ୍ତି।

ଚଳିତ ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ ଘୋଷଣା ହୋଇଥିବା ଗ୍ୟାରେଣ୍ଟି ପାଳନ କରିବ। ମୁଖ୍ୟତଃ ପେସା ଆଇନ କାର୍ଯ୍ୟକାରୀ ହେବ। କଂଗ୍ରେସ ସରକାର ଆଦିବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବ। ଗରିବଙ୍କ କଲ୍ୟାଣ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିବ। ଶୁକ୍ରବାର ରାହୁଲ ଗାନ୍ଧୀ କଂଗ୍ରେସ ଗ୍ୟାରେଣ୍ଟି ସମ୍ପର୍କରେ ରାୟଗଡ଼ା ସମାବେଶରେ କହିବେ। ଗାନ୍ଧୀ ପରିବାର ଆଦିବାସୀଙ୍କ ସହିତ ସର୍ବଦା ରହିଛନ୍ତି। ନିୟମଗିରି ପାହାଡ଼ର ସୁରକ୍ଷା ରାହୁଲଙ୍କ ପାଇଁ ହୋଇଛି। ନଚେତ୍ ଆଦିମ ଜନଜାତି ସମ୍ପ୍ରଦାୟର ଲୋକେ ବର୍ତ୍ତମାନ ବାସ ପାଇ ନ ଥାନ୍ତେ। ବେଦାନ୍ତ ଅଧୀନକୁ ନିୟମଗିରି ପାହାଡ ପଳାଇଥାନ୍ତା। ଏଣେ ଶୁକ୍ରବାର କୋରାପୁଟ ସମେତ ନବରଙ୍ଗପୁର, ବ୍ରହ୍ମପୁର, କଳାହାଣ୍ଡି ସଂସଦୀୟ କ୍ଷେତ୍ରର ପ୍ରାର୍ଥୀଙ୍କ ପାଇଁ ରାହୁଲ ପ୍ରଚାର କରିବେ ବୋଲି ସୂଚନା ଦେଇଛନ୍ତି ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲାକା । ପ୍ରାୟ ଦେଢ ଘଣ୍ଟା ଧରି ରାୟଗଡ଼ାଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ ରାହୁଲ। ଏଣେ ରାହୁଲଙ୍କ ଗସ୍ତ ନେଇ ଉତ୍ସାହିତ ହୋଇ ପଡିଛନ୍ତି କଂଗ୍ରେସ ନେତା ଓ କର୍ମୀ। ଏହି ଖବରଦାତା ସମ୍ମିଳନୀରେ ଏଆଇସିସି ସମ୍ପାଦକ ଶାହାନବାଜ ଚୌଧୁରୀ, ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା, ଏଆଇସିସି ମିଡିଆ ପ୍ରଭାରୀ ବବିତା ଶର୍ମା, ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ପିସିସି ମିଡିଆ ପ୍ରଭାରୀ ବିଶ୍ୱରଞ୍ଜନ ମହାନ୍ତି, ରାୟଗଡ଼ା ବିଧାୟକ ପ୍ରାର୍ଥୀ ଆପଲାସ୍ୱାମୀ କାଡ୍ରାକା, ଡିସିସି ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ

ପଦ୍ମପୁର, ୨।୫ (ପ୍ରଶାନ୍ତ କୁମାର କର)



ଜବତ ଗଞ୍ଜେଇ, କାର ସହ ଗିରଫ ଅଭିଯୁକ୍ତ।

ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଇନ୍ଦୁପୁର ଛକ ନିକଟରେ ୧୩୨କେ .ଭି. ଲାଇନରେ ପାଟ୍ରୋଲିଂ କରୁଥିବା ସମୟରେଏକ କାର୍‌ରୁ ୨୨ କେଜି ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସମୁଲ ଖାନ। ପୋଲିସ ତାଙ୍କ ନିକଟରୁ ଗୋଟିଏ ମୋବାଇଲ, ନଗଦ ୨ ହଜାର ଟଙ୍କା ଓ କାର୍‌କୁ ଜବତ କରିଛି। ସୂଚନାଯୋଗ୍ୟ, ଗଜପତି ଜିଲାର ମୋହନା ଅଞ୍ଚଳରୁ ଏକ କାର୍ ନମ୍ବର (ଏମଏଚ ୦୨ବିଟି ୪୦୯୮)ରେ ୨୨କେଜି ଗଞ୍ଜେଇ ନେଇ ମହାରାଷ୍ଟ୍ରକୁ ଚାଲାଣ କରାଯାଉଥିଲା। ପଦ୍ମପୁର ପୋଲିସ କୌଣସି ସୂତ୍ରରୁ ଖବରପାଇ ପାଟ୍ରୋଲିଂ କରିବା ସମୟରେ କାରକୁ ଯାଞ୍ଚ କରିବା ପରେ ଗଞ୍ଜେଇ ଜବତ କରାଯାଇଥିଲା। ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝି ଘଟଣାର ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

# ମୋଟର କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ




ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରମିକ ଦିବସ ପାଳନ।

ଗୁଣପୁର,୨।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ମୋଟର କର୍ମଚାରୀ ସଂଘ ତରଫରୁ ୧୩୮ତମ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ବୁଧବାର ନୂତନ ବସ୍‌ଷ୍ଟାଣ୍ଡଠାରେ ପତାକା ଉତ୍ତୋଳନ କରିବା ସହ ମୋଟର କର୍ମଚାରୀ ସଂଘର ସଭାପତି ଫଣୀଭୂଷଣ ପଟ୍ଟନାୟକ ବାଇପାସ୍ ଛକଠାରେ ଥିବା ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ(ଏମ୍ଏଲ୍) ଲିବରେଶନର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଦଳର ବିଧାୟକ ପ୍ରାର୍ଥୀ ଅନାସିମ ଶବର, ଭୀମା ଶ୍ରୀରାମ, ମୋଟର କର୍ମଚାରୀ ସଂଘ ସମ୍ପାଦକ ପି. ଭେଙ୍କଟ ରାଓ, ଉପ ସଭାପତି ଦିଲୀପ ପଟ୍ଟନାୟକ, ସଂଘର କୋଷାଧ୍ୟକ୍ଷ କିଶୋର ମହାନ୍ତି, ମିସ୍ତ୍ରି ୟୁନିୟନ ଉପ ସଭାପତି ଡମ୍ବରୁଧର ଦାସ, ଗଣପତି ଅମର ବିଲି, ଜି. ଚନ୍ଦ୍ରାୟା, ଶ୍ରୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯାଞ୍ଚ କଲେ ପାଠାଗାରରେ ଥିବା ବହି, କ୍ୟାଶ୍‌ବୁକ୍

## ସୂଚନା, ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକଙ୍କ ଗୁଣପୁର ଗସ୍ତ

ଗୁଣପୁର,୨।୫(ପ୍ରଦୀପ କୁମାର ପାଢ଼ୀ)




ଉପ ନିର୍ଦ୍ଦେଶକ ନିର୍ବାଚନୀ ପ୍ରଦର୍ଶନୀ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାପାତ୍ର ଗୁରୁବାର ଗୁଣପୁର ଗସ୍ତରେ ଆସି ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିଛନ୍ତି । ଦକ୍ଷିଣାଞ୍ଚଳ (ବ୍ରହ୍ମପୁର)ଠାରେ ଉପ ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟରେ ଯୋଗଦାନ କରିବା ପରେ ଏହା ତାଙ୍କର ପ୍ରଥମ ଗସ୍ତ ଥିଲା। ସୂଚନା କେନ୍ଦ୍ର ଓ ପାଠାଗାରରେ ମହଜୁଦ ଥିବା ବହି, କ୍ୟାଶ୍‌ବୁକ୍ ତନଖି କରିବା ସହ ପାଠାଗାର ପରିସରରେ ଆୟୋଜିତ ନିର୍ବାଚନୀ ପ୍ରଦର୍ଶନୀ କେନ୍ଦ୍ର ବୁଲି ଦେଖିଥିଲେ। ନିର୍ବାଚନୀ ସମ୍ବନ୍ଧୀୟ ସମସ୍ତ ସୂଚନା, ପୂର୍ବ ନିର୍ବାଚନଗୁଡିକର ଫଟୋ, ଇଭିଏମ୍, ଭିଭିପିଏଟି, ପୁରୁଣା ବାଲଟ ବକ୍ସ, ଲଣ୍ଠନ ଆଦି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଦେଖି ଖୁସିବ୍ୟକ୍ତ କରିଥିଲେ । ଦସ୍ତଖତ ବୋର୍ଡରେ ଦସ୍ତଖତ କରିବା ସହ ସେଲ୍‌ଫି ନେଇଥିଲେ। ପୂର୍ବରୁ ମହାପାତ୍ର ପ୍ରଦର୍ଶନୀ ଅଧିକାରୀ, ନିର୍ବାଚନ ବିଭାଗ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଯୋଗୁ ପ୍ରଦର୍ଶନୀ ଦେଖି ଭୂୟସୀ ପ୍ରଶଂସା କରିଥିଲେ । ଉପ ନିର୍ଦ୍ଦେଶକଙ୍କ ଗସ୍ତ ସମୟରେ ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅନନ୍ତ ପାତ୍ର ଉପସ୍ଥିତ ଥିଲେ ।

# ପ୍ରଚାରକଲେ କେନ୍ଦ୍ରମନ୍ତ୍ରୀ

ରାଇଘର, ୨।୫(କିରଣ ପଟ୍ଟନାୟକ)

କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଶାନ୍ତନୁ ଠାକୁର ନବରଙ୍ଗପୁରରେ ପହଞ୍ଚି ଗୁରୁବାର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ପୂର୍ବାହ୍ନ ପ୍ରାୟ ୧୦ଟା ୫୫ରେ ହେଲିକପ୍ଟର ଯୋଗେ ରାଇଘର ମିନିଷ୍ଟାଡିୟମରେ ପହଞ୍ଚି ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ବଙ୍ଗଳାରେ ଭାଷଣ ଦେଇ ସିଏଏ ଦ୍ୱାରା ଏଠାକାର ବଙ୍ଗୀୟ ଲୋକେ କେତେ ଲାଭାନ୍ୱିତ ହେବେ ସେ ସମ୍ପର୍କରେ ମତ ଦେଇଥିଲେ। ମତୁଆ ସମ୍ପ୍ରଦାୟଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପରିଚୟ ଦେଇଛନ୍ତି ବୋଲି ସେ କହିଥିଲେ। ଡବଲ ଇଞ୍ଜିନ ସରକାର ପାଇଁ ଲୋକଙ୍କୁ ଉଦ୍‌ବୋଧନ ଦେଇ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ସେ କହିଥିଲେ। ପ୍ରକାଶ ଯେ, ଉମରକୋଟ ନିର୍ବାଚନମଣ୍ଡଳୀରେ ୪୦ ହଜାରରୁ ଊର୍ଦ୍ଧ୍ୱ ବାଙ୍ଗୀୟ ଭାଷାଭାଷୀ ଭୋଟର ରହିଛନ୍ତି।

# ସହକାରୀ ଶିଳ୍ପ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)



ସହକାରୀ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାୟଗଡ଼ା ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ ଚାକିରିରୁ ଅବସର ନେଇଛନ୍ତି । ସୋମବାର ସ୍ଥାନୀୟ ଶିଳ୍ପ ବିକାଶ କେନ୍ଦ୍ରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସବ୍ୟସାଚୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସବ୍ୟସାଚୀ ୧୯୯୯ରେ କୋରାପୁଟ ଜିଲା ଜୟପୁରଠାରେ ଆଇପିଓ ଭାବେ ନିଯୁକ୍ତି ପାଇ ୨୦୦୩ ପର୍ଯ୍ୟନ୍ତ ସେଠାରେ ରହିଥିଲେ। ଏହାପରେ ରାୟଗଡ଼ାକୁ ବଦଳି ହୋଇ ଆସିଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ଉତ୍ତମ ଲୋକ ସମ୍ପର୍କ ଗଢିବା ସହିତ ନିଷ୍ଠାପର ଓ କର୍ମଠ ଭାବେ କାର୍ଯ୍ୟ କରି ଜିଲାର ବହୁ ଶିକ୍ଷିତ ବେକାରିଙ୍କୁ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି । ଏଥିସହ ସମାଜ ସେବାରେ ନିଜକୁ ନିୟୋଜିତ ପୂର୍ବକ ୫୦ରୁ ଊର୍ଦ୍ଧ୍ୱ ଥର ରକ୍ତଦାନ କରିଛନ୍ତି। ଅବଶିଷ୍ଟ ଜୀବନ ସେ ସମାଜସେବାରେ ନିୟୋଜିତ କରିବେ ବୋଲି ସବ୍ୟସାଚୀ କହିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଅବସରପ୍ରାପ୍ତ ମହାପ୍ରବନ୍ଧକ ପି.ସି. ପାଣ୍ଡେ, ଏନ୍. କୁମୁଦନ, ଅଶୋକ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପାରା ମାରିବାକୁ ଯାଇ ବିଦ୍ୟୁତ୍ ଆଘାତରେ ୩ ଆହତ

## ଟ୍ରେନ୍ ଉପରେ ଚଢ଼ିବା ହେଲା କାଳ

ରାୟଗଡ଼ା,୨।୫(ଆଶିଷ ରଞ୍ଜନ ପଣ୍ଡା)

ଟ୍ରେନ୍ ଉପରେ ଚଢ଼ି ପାରା ମାରିବାକୁ ଯାଇ ବିଦ୍ୟୁତ ଆଘାତରେ ୩ ଜଣ ଆହତ ହୋଇଥିବା ସୂଚନା ମିଳିଛି। ରାୟଗଡ଼ା ସହରସ୍ଥିତ କୋଇଲାପଡ଼ା ନିକଟସ୍ଥ ରେଳ ଲାଇନ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆହତ ୩ ଜଣ ହେଲେ ୨୩ନଂ ୱାର୍ଡ ଅନ୍ତର୍ଗତ ଆଞ୍ଜିପେଟା ନିକଟସ୍ଥ ଝୋଡ଼ିଆ ସାହିର ଚାଣ୍ଡି ମାଣ୍ଡଙ୍ଗି (୧୫), ଯେଶୁ ବାହାଦୁର(୧୩) ଏବଂ ନରେଶ ହିମରିକା(୧୧)। ମିଳିଥିବା ସୂଚନା ଅନୁସାରେ, ୩ ଜଣ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ପାରା ମାରିବା ପାଇଁ କୋଇଲାପଡ଼ା ନିକଟସ୍ଥ ଟ୍ରେନ ଲାଇନ ପାଖରେ ଛିଡା ହୋଇଥିବା ଟ୍ରେନ୍ ଉପରେ ଚଢ଼ିଥିଲେ । ସେହି ସମୟରେ ରେଳ ବଗି ଉପରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୩ ଜଣ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ସେଠାରେ ଥିବା କିଛି ଲୋକ ଦେଖି ସେମାନଙ୍କୁ ଉଦ୍ଧାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଜେଶୁ ବାହାଦୁରଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ବାହାରକୁ ନେବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡିଛି।

# ଗୁଣପୁରରେ ବିଜେଡିର ମିଶ୍ରଣ ପର୍ବ

## ପୌରାଞ୍ଚଳର ଶତାଧିକ ଯୁବକଙ୍କ ବିଜେଡିରେ ଯୋଗଦାନ

ଗୁଣପୁର,୨।୫ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଜେଡି କାର୍ଯ୍ୟାଳୟ ପରିସରରେ ବଡ଼ ଧରଣର ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ଉପସ୍ଥିତିରେ ପୌର ପରିଷଦ ୱାର୍ଡ ନଂ. ୧୨,୧୩, ୧୪ ଓ ୧୫ରୁ ଶତାଧିକ ଯୁବକ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ନୂତନ ଭାବେ ଦଳରେ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଉତ୍ତରୀୟ ପ୍ରଦାନକରି ଦଳ ତରଫରୁ ସ୍ୱାଗତ କରାଯାଇଥିଲା। ନୂତନ ଭାବରେ ଦଳରେ ଯୋଗଦେଇଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଗୁଣପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବ ପରେ ପୌର ପରିଷଦ ଅଞ୍ଚଳରେ ବିଜେଡି ଅଧିକ ଶକ୍ତିଶାଳୀ ହେବ ବୋଲି ଦଳର ନେତାମାନେ ଆଶାବ୍ୟକ୍ତ କରିଛନ୍ତି । ରାଜ୍ୟ ବିଜେଡି ଛାତ୍ର ଉପ ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡା, ନଗର ସଭାପତି ରାମ ପଣ୍ଡା, ଦଳର କାଉନସିଲର ଭାଗୀରଥି ବିଷୋୟୀ, ଶିବପ୍ରସାଦ ପାଢ଼ୀ, ସୁଜିତ ଶତ୍‌ପଥୀ, ଏସ୍. ବାବା ପ୍ରସାଦ , ବାଲି ଗମାଙ୍ଗ, ସାନ୍ଟୁ ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।



ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା।

# ଶିକ୍ଷା ବିଭାଗ ଅଫିସ୍‌କୁ ଦୌଡ଼ି ହିତାଧିକାରୀ ନୟାନ୍ତ

## ଆଗକୁ ବଢୁନି ପେନ୍‌ସନ ଫାଇଲ

ରାୟଗଡ଼ା,୨।୫(ଭାଗ୍ୟଶ୍ରୀ ମିଶ୍ର)




ପରିବାର ସହ କୋଲନରାର ଅବସରପ୍ରାପ୍ତ ସହାୟିକା ବ୍ଲକ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ।

ସରକାରୀ କର୍ମଚାରୀ ଅବସର ଗ୍ରହଣ ପରେ ସରକାର ପାରିବାରିକ ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ହେଲେ ରାୟଗଡ଼ା ଜିଲାରେ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅବସର ଗ୍ରହଣ ପରେ ପେନ୍‌ସନ ପାଇବା ପାଇଁ ଅନେକ ଥର ବ୍ଲକ୍ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭକରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ସୁଦ୍ଧା କାଗଜପତ୍ର ମିଳୁ ନ ଥିବା ଅଭିଯୋଗ ହେଉଛି। ବିଭଗୀୟ ଅଧିକାରୀମାନେ ହିତାଧିକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ଆଣିଛନ୍ତି ଜଣେ ଅବସରପ୍ରାପ୍ତ ଏବିଇଓ ଏବଂ ତାଙ୍କ ପରିବାର ଲୋକେ । ରାୟଗଡା ସଦରର ରାଣୀଗୁଡା ଫର୍ମ ପ୍ରଥମ ଲାଇନର ହାତୀପଥର ରୋଡ୍ ଲାଇନରେ ରହୁଥିବା କୋଲନରାର ଅବସରପ୍ରାପ୍ତ ସହାୟିକା ବ୍ଲକ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ (୬୦ ) ଏଭଳି ଅଭିଯୋଗ କରିଛନ୍ତି।

ଗତ ୩୧।୩।୨୦୨୪ରେ ବିଜୟଲକ୍ଷ୍ମୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସମସ୍ତ ଦାୟିତ୍ୱ ଅନ୍ୟ ଜଣଙ୍କୁ ସରକାରୀ ଭାବେ ହସ୍ତାନ୍ତର କରଛନ୍ତି। ସମସ୍ତ କାଗଜପତ୍ର ଠିକ୍ ଥିବା ସତ୍ତ୍ୱେ ତାଙ୍କୁ ରାୟଗଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ନନ୍ ସାର୍ଟିଫିକେଟ ମିଳୁ ନ ଥିବା ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ସେପଟେ ନନ୍ ସାର୍ଟିଫିକେଟ୍ ନ ମିଳିବା ପର୍ଯ୍ୟନ୍ତ ପେନ୍‌ସନ ପାଇଁ ଆବେଦନ କରାଯାଇପାରିବ ନାହିଁ ବୋଲି କୋଲନରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କୁହାଯାଇଛି । ସରକାରୀ ନିୟମ ଅନୁଯାୟୀ ହିତାଧିକାରୀଙ୍କୁ ଅବସର ଗ୍ରହଣ କରିବାର ୧ ମାସ ପୂର୍ବରୁ ସମସ୍ତ କାଗଜପତ୍ର କ୍ଲିୟରାନ୍ସ କରିବାର ନିୟମ ରହିଛି। ହେଲେ ଅବସର ଗ୍ରହଣ ପରେ ମଧ୍ୟ କାମ କରାଯାଉ ନ ଥିବା ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ବିଜୟଲକ୍ଷ୍ମୀ ଏବଂ ତାଙ୍କ ବୃଦ୍ଧ ବାପା ଆର୍. କେ. ଡି. ପ୍ରସାଦ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ କାଗଜପତ୍ର ମାଗିଥିଲେ ମଧ୍ୟ ସେଠାରେ ଥିବା କିରାଣି ଲାଞ୍ଚ ମାଗୁଥିବା ସେ କହିଛନ୍ତି। କାମ ହେଲା ପରେ ଟଙ୍କା ଦେବି କହିଲା ପରେ ରାୟଗଡା ବିଇଓ ଏବଂ ରାୟଗଡା ଡିଇଓ ଅଫିସରେ ଏହି ଟଙ୍କା ଦେବାକୁ ପଡିବ ବୋଲି କିରାଣି କହିଥିବା ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି। ଏନେଇ ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ନୂଆ ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବାରୁ ଏ ବିଷୟରେ ଜାଣି ନ ଥିବା କହିଛନ୍ତି। ଗୁରୁବାର ବିଜୟଲକ୍ଷ୍ମୀ ପୁଣି ଥରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ସମସ୍ୟା ଜଣାଇଥିଲେ ସେ ଆସନ୍ତା ୧୦ଦିନ ଭିତରେ ତାଙ୍କ କାଗଜପତ୍ର କାର୍ଯ୍ୟ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏ ନେଇ ରାୟଗଡା ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ତାଙ୍କ କାଗଜପତ୍ର ଦେବାକୁ ପ୍ରୟାସ କରୁଛନ୍ତି ବୋଲି କହିଛନ୍ତି । ସେହିପରି ରାୟଗଡା ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସଙ୍କୁ ଯୋଗାଯୋଗ କରିବାରୁ କୌଣସି କାମ ପାଇଁ ଟଙ୍କା ମଗାଯାଉନାହିଁ, ଯଦି କେହି ତାଙ୍କୁ ମାଗିଛନ୍ତି ସେ ଲିଖିତ ଅଭିଯୋଗ କଲେ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି ।

**ସଂକ୍ଷେପରେ**

## ପଦ୍ମିନୀ ଦିଆନ ଉମରକୋଟ ନିର୍ବାଚନମଣ୍ଡଳୀ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ



**ଉମରକୋଟ, ୨।୫(ସନ୍ତୋଷ ଶତପଥୀ)**

ଉମରକୋଟ ବିଧାନସଭା ଆସନ ହାତେଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ବବି ଦାସଙ୍କ ଅନୁମୋଦନ କ୍ରମେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନଙ୍କୁ ଉମରକୋଟ ନିର୍ବାଚନ ମଣ୍ଡଳୀର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେ ସମସ୍ତ ନିର୍ବାଚନୀ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ, ପ୍ରତ୍ୟେକ ପଞ୍ଚାୟତ ଏବଂ ଭୋଟରଙ୍କ ସହ ମିଶି ସମସ୍ତ କାର୍ଯ୍ୟ ତଦାରଖ କରିବେ। ଉମରକୋଟ ଆସନକୁ ଅକ୍ତିଆର କରିବା ପାଇଁ ସମସ୍ତ ରଣନୀତି ତିଆରି କରାଯାଇଛି। ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଜନତାଙ୍କ ପାଖରେ ପହଞ୍ଚିବୁ। ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ମୂଳଲକ୍ଷ୍ୟ ବୋଲି ପଦ୍ମିନୀ କହିଛନ୍ତି। ଗୁରୁବାରଠାରୁ ସେ ଉମରକୋଟ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ନେଇଥିବା ଜଣା ପଡିଛି।

## ଇଭିଏମ୍, ନିର୍ବାଚନ ସମ୍ବନ୍ଧୀୟ କାଜଗପତ୍ର ପରିଚାଳନା ତାଲିମ

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ସାଧାରଣ ନିର୍ବାଚନ ପାଇଁ ପୋଲିଂ ଅଧିକାରୀ ମାନଙ୍କର ଦ୍ୱିତୀୟ ରାଉଣ୍ଡ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ନିର୍ବାଚନ ସମୟରେ ଇଭିଏମ ମେସିନ ପରିଚାଳନା ଓ ନିର୍ବାଚନ ସମ୍ବନ୍ଧୀୟ କାଜଗପତ୍ର କାର୍ଯ୍ୟ ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏହା ୩ ଦିନ ଧରି ଚାଲିବ। ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ ନବରଙ୍ଗପୁର, ଭୈରବ କଲେଜ ଡାବୁଗାଁ, ଭୈରବ ହାୟର ସେକେଣ୍ଡାରୀ ସ୍କୁଲ ଡାବୁଗାଁ, ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲ ଡାବୁଗାଁ, ଏସ୍ଏସ୍ ସରକାରୀ ଉଚ୍ଚବିଦ୍ୟାଳୟ ଉମରକୋଟ, ବିଜୁ ଏସ୍ଟି ମହିଳା ହାୟର ସେକେଣ୍ଡାରୀ ସ୍କୁଲ ଉମରକୋଟ, ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝରିଗାଁଠାରେ ପୋଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯିବ। ମାଷ୍ଟର ଟ୍ରେନର ପୋଲିଂ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ। ତାଲିମ୍ ଶିବିରରେ ପୋଷ୍ଟାଲ ବେଲ୍ଟ ମାଧ୍ୟମରେ ମତଦାନ କରୁଥିବା ପୋଲିଂ ଅଧିକାରୀମାନେ ମତଦାନ କରିପାରିବେ। ଦ୍ୱିତୀୟ ରାଉଣ୍ଡରେ ଇଭିଏମ୍, ଭିଭିପିଏଟି ରେଣ୍ଡୋ ମାଇଜସନ୍ କାର୍ଯ୍ୟ ତଦାରଖ କରାଯାଇଛି। ଇଭିଏମ୍, ଭିଭିପିଏଟି ଗୋଡାଉନରେ ସାଧାରଣ ପର୍ଯ୍ୟବେକ୍ଷକ, ରିଟର୍ନିଂ ଅଧିକାରୀ ୧୨ ଏସ୍ ଟି, ଲୋକସଭା କ୍ଷେତ୍ର, ଜିଲାର ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ର ରିଟର୍ନିଂ ଅଧିକାରୀ, ଦଳୀୟ ପ୍ରାର୍ଥୀ ଓ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଏବଂ ଦିତୀୟ ରେଣ୍ଡୋ ମାଇଯେସନେ ରିପୋର୍ଟ ସମସ୍ତ ରାଜନୈତିକ ଦଳଙ୍କୁ ଦିଆଯାଇଛି। ଇଭି ଏମ୍, ଭିଭିପାଟର କମିଶନିଂ ମେ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଇଭିଏମ୍, ଭିଭିପିଏଟି ଗୋଡାଉନ୍‌ରେ ଅନୁଷ୍ଠିତ ହେବ।

# ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ରାଇଘର, ୨।୫(କିରଣ ପଟ୍ଟନାୟକ)**



- ଗାଁରେ ୪ ଦିନ କରେଣ୍ଟ ନ ଥିଲା
- ଆକ୍ରୋଶର ଶିକାର ହେଲେ ମରାମତି କରିବାକୁ ଆସିଥିବା ବିଦ୍ୟୁତ୍ କର୍ମଚାରୀ

ଲଗାତର ୪ ଦିନ ଧରି ଗାଁରେ ରହିଲାନି କରେଣ୍ଟ। ମରାମତି କରିବାକୁ ଆସିଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ତାଲା ପକାଇ ରଖିଲେ ଗ୍ରାମବାସୀ। ଏହା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ହାତୀବେନା ଗ୍ରାମରେ।

ସୂଚନାନୁଯାୟୀ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ହାତୀବେନା ଡିଏନ୍‌କେ ଗ୍ରାମରେ ୨୮ ତାରିଖରୁ କରେଣ୍ଟ ନ ଥିଲା। ଫଳରେ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଟର ନ ଚାଲିବାରୁ ପିଇବା ପାଣି ମିଳିବା, ମୋବାଇଲ ଚାର୍ଜ କରିବା ଏବଂ ପିଲାଙ୍କ ପାଠପଢ଼ାରେ ଅସୁବିଧା ହୋଇଥିଲା। ଗ୍ରାମରେ ଛୋଟ ଟ୍ରାନ୍ସଫରମର ରହିବା ଫଳରେ ବିଭିନ୍ନ ଜାଗାରେ ତାର ଛିଣ୍ଡିଯିବାରୁ ବିଦ୍ୟୁତ୍‌କାଟ ହୋଇଥିଲା। ବୁଧବାର ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ତାହାକୁ ମରାମତି କରିବାକୁ ଯାଇଥିଲେ। ଗ୍ରାମବାସୀ ଏକାଠି ହୋଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଗାଁର କମ୍ୟୁନିଟି ସେଣ୍ଟର ଗୃହରେ ଅଟକ ରଖିଥିଲେ। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଏବଂ ଏସ୍‌ଡିଓ ଗ୍ରାମକୁ ଆସି ସମସ୍ୟାର ସମାଧାନ ନ କରିବା ପର୍ଯ୍ୟନ୍ତ କର୍ମଚାରୀମାନେ ଅଟକ ରହିବେ ବୋଲି ଗ୍ରାମବାସୀ ଜିଦ୍ କରିଥିଲେ। ଖବରପାଇ ସନ୍ଧ୍ୟା ସମୟରେ ବିଦ୍ୟୁତ୍ ବିଭାଗର ବରିଷ୍ଠ କର୍ମଚାରୀ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଅଟକ କର୍ମଚାରୀଙ୍କୁ ଆଣିଥିଲେ। ଏହି ବିଷୟରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ରୋହିତ କୁମାରଙ୍କୁ ପଚାରିବାରୁ ଗାଁରେ ବିଦ୍ୟୁତ୍ ସମସ୍ୟା ଥିବାରୁ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ୨ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଭାଜପାରେ ମିଶିଲେ ୪୦ରୁ ଊର୍ଦ୍ଧ୍ୱ ଯୁବକ



ଭାଜପା ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା।

**ଉମରକୋଟ, ୨।୫(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବର କରାଯାଇଛି। ୨ ଯୁବ ନେତା ସନ୍ତୋଷ ନାୟକ, ଆଶିଷ ରାଓଙ୍କ ନେତୃତ୍ୱରେ ଉମରକୋଟ ୱାର୍ଡ ନଂ ୮ ତଥା ଡଙ୍ଗରୀ ସାହିର ୪୦ରୁ ଊର୍ଦ୍ଧ୍ୱ ଯୁବକ ଭାଜପାରେ ମିଶିଥିଲେ। ଭାଜପା ନୀତି ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା ସେମାନେ କହିଛନ୍ତି। ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଭାଜପା ଚିନ୍ତାଧାରା, ନିତି ଆଦର୍ଶର ମୂଳମନ୍ତ୍ର ବିଷୟରେ କହିଥିଲେ। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ନୂତନ କର୍ମମର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏଥିରେ ବିଧାନସଭା ପ୍ରଭାରୀ ସୀମାଞ୍ଚଳ ମଲ୍ଲିକ ଓ ନଗରମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଚିକିଲିରେ ସମୀକ୍ଷା କଲେ ଡିଆଇଜି



ଡିଆଇଜି ଚରଣ ସିଂ ମୀନା ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ପାପଡ଼ାହାଣ୍ଡି, ୨।୫(ସ୍ୱପ୍ନଜିତ ପଟ୍ଟନାୟକ)**

**ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବ ପ୍ରସ୍ତୁତି**

ଆସନ୍ତା ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବରଙ୍ଗପୁର ଜିଲା ଗସ୍ତ କରିବେ। ସେ ପାପଡ଼ାହାଣ୍ଡି ଥାନା ଅଧୀନ ଚିକିଲି ପଡ଼ିଆରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ। ଡିଆଇଜି ଚରଣ ସିଂ ମିନା ଗୁରୁବାର ଅପରାହ୍ନରେ ଚିକିଲି ପଡ଼ିଆରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ତଦାରଖ ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପୂର୍ବ ସମୀକ୍ଷା କରିଛନ୍ତି। ପାର୍କିଂ ବ୍ୟବସ୍ଥା, ଷ୍ଟେଜ ନିର୍ମାଣ, ସୁରକ୍ଷା ବ୍ୟବସ୍ଥା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବେ। ସେଥିପାଇଁ ଏବେଠାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଡିଆଇଜିଙ୍କ ଏହି ସମୀକ୍ଷା ସମୟରେ ଏସପି ରୋହିତ ବର୍ମାଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ୩ ଅଟକ

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ଏକ ସ୍କୁଟିରେ ଗଞ୍ଜେଇ ନେଇ ଯାଉଥିବା ୩ ଯୁବକଙ୍କୁ ନବରଙ୍ଗପୁର ପୋଲିସ ଅଟକ ରଖିଛି। ସେମାନଙ୍କୁ ପଚରାଉଚରା କରିବା ସହ ଯୁବକ ସ୍କୁଟି ଜବତ କରାଯାଇଛି। ଯୁବକମାନେ ଏକ ସ୍କୁଟିରେ ଅଖାରେ ଗଞ୍ଜେଇ ନେଇ ନବରଙ୍ଗପୁର ଆଡକୁ ଆସୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ସ୍କୁଟିକୁ ଅଟକାଇ ଯାଞ୍ଚ କରିବାବେଳେ ଗାଡ଼ିରେ ଥିବା ଅଖାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲଲା। ଏହାପରେ ପୋଲିସ ଗାଡ଼ିରେ ଥିବା ୩ ଜଣ ଯୁବକଙ୍କୁ ଥାନାରେ ରଖି ପଚରାଉଚରା ସହ ସ୍କୁଟିକୁ ଜବତ କରିଛି। ଅଖାରେ ପ୍ରାୟ ୩୦ କିଲୋ ଗଞ୍ଜେଇ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡ଼ିଛି।

# ନିର୍ବାଚନ ପାଇଁ ମତଦାନ କେନ୍ଦ୍ର ଚୂଡ଼ାନ୍ତ

**ବାଲିମେଳା, ୨।୫(ଶିବଦତ୍ତ ସାହୁ)**



ମାଲକାନଗିରି ଜିଲରେ ମେ ୧୩ରେ ମତଦାନ ହେବ। ବାଲିମେଳା ସହର ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ରହିଥିବା ବେଳେ ଏଥିନିମନ୍ତେ ବାଲିମେଳା ସହରରେ ଥିବା ୧୨ ୱାର୍ଡରେ ୧୦ ବୁଥ୍ ପିଙ୍କ୍(ସଖୀ) ବୁଥ୍ ହୋଇଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ୮୦୯୬ ଭୋଟର ଥିବା ବେଳେ ସେଥିରୁ ମହିଳା ଭୋଟର ୪୧୯୨, ପୁରୁଷ ଭୋଟର ୩୮୯୮ ଏବଂ ଟ୍ରାନ୍ସଜେଣ୍ଡର ଭୋଟର ୬ ରହିଛନ୍ତି। ଗତ ୨୭ ତାରିଖରୁ ଆରମ୍ଭ କରି ଆସନ୍ତା ମେ ୨ ପର୍ଯ୍ୟନ୍ତ ବିଏଲ୍ଓମାନେ ଚିରକୁଟ ଏବଂ ନିୟମାବଳୀ ପତ୍ରିକା ପ୍ରଦାନ କରୁଛନ୍ତି।

୧୬୪ ନଂ. ବୁଥ୍ ୧୨ ନଂ. କଲୋନି ବିଦ୍ୟାଳୟ, ୧୬୮, ୧୬୯, ୧୭୦ ଏବଂ ୧୭୧ ବୁଥ୍‌ଗୁଡିକ ନିମନ୍ତେ ସରକାରୀ ଉଚ୍ଚ ବିଦ୍ୟାଳୟ, ୧୬୨, ୧୬୩ ଏବଂ ୧୬୫ ନଂ. ବୁଥ ନିମନ୍ତେ ଡ୍ରଗ୍‌ଲାଇନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୧୬୬ ଓ ୧୬୭ ନଂ. ବୁଥ୍ ନିମନ୍ତେ ୩ ନଂ. ୱାର୍ଡ ସ୍ଥିତ ୟୁଜିଏମ୍‌ଇ ସ୍କୁଲ ମତଦାନ କେନ୍ଦ୍ର ଭାବେ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିବା ସୂଚନା ମିଳିଛି।

ସରକାର ୮୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀଙ୍କ ନିମନ୍ତେ ପୂର୍ବରୁ ଆବେଦନ କରିଥିବା ଉକ୍ତ ଭୋଟରମାନେ ଆସନ୍ତା ମେ ୪ ତାରିଖରେ ଘରେ ରହି ଭୋଟ ଦେବେ ତେଣୁ ଜିଲାସ୍ତରରେ ଏନେଇ ସମସ୍ତ କର୍ମଚାରୀ ନିଯୁକ୍ତି ହୋଇଥିବା ରିଟର୍ନିଂ ଅଫିସର ତଥା ମାଲକାନଗିରି ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ସୂଚନା ଦେଇଛନ୍ତି।

## ପୋଲିଂ ଅଫିସରମାନଙ୍କ ଦ୍ୱିତୀୟ ରାଉଣ୍ଡ ତାଲିମ

**ଡାବୁଗାଁ, ୨।୫(ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ଭୈରବ କଲେଜ, ଭୈରବ ହାୟର ସେକେଣ୍ଡାରୀ ସ୍କୁଲ ଓ ପଞ୍ଚାୟତ ହାୟର ସେକେଣ୍ଡାରୀ ସ୍କୁଲରେ ପୋଲିଂ ଅଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଦିଆଯାଇଛି। ତାଲିମ କାର୍ଯ୍ୟକ୍ରମରେ ୫୨୮ ଜଣ ପୋଲିଂ ଅଧିକାରୀଙ୍କ ମଧ୍ୟରୁ ୪୮୬ ଜଣ ତାଲିମ ନେଇଥିଲେ। ୪୨ ଜଣ ପୋଲିଂ ଅଧିକାରୀ ଅନୁପସ୍ଥିତ ଥିଲେ। ୩ଟି ସ୍ଥାନରେ ୯ଟି ପ୍ରକୋଷ୍ଠରେ ପ୍ରିଜାଇଡିଂ, ୧ମ ପୋଲିଂ, ୨ୟ ପୋଲିଂ, ୩ୟ ପୋଲିଂ, ୪ର୍ଥ ପୋଲିଂ ଓ ୫ ମ ପୋଲିଂ ଅଧିକାରୀ ମାନଙ୍କୁ ତାଲିମ ଦିଆଯାଇଥିଲା। ୯୪ ଜଣ ପୋଷ୍ଟାଲ ବ୍ୟାଲଟ ମାଧ୍ୟମରେ ଭୋଟ ଦେଇଥିଲେ। ଏଥିରେ ଡାବୁଗାଁ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ, କୋଡିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ପଞ୍ଚାନନ ଦୁରିଆ ଓ ରବିନାରାୟଣ ପାଣିଗ୍ରାହୀ, ମଇଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବାଳକୃଷ୍ଣ ବିଷୋୟୀ ପ୍ରମୁଖ ତାଲିମ ଦେଇଥିଲେ। ଡାବୁଗାଁ ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏ.ଡ଼ି ପ୍ରସାଦ ଓ ପର୍ଶୁରାମ ମାଳି ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଶ୍ୱ ଶ୍ରମିକ ଦିବସରେ ବିଶାଳ ଶୋଭାଯାତ୍ରା

**ନବରଙ୍ଗପୁର, ୨।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁରରେ ବିଶ୍ୱ ଶ୍ରମିକ ଦିବସ ବୁଧବାର ପାଳନ କରାଯାଇଛି । ଏହି ଅବସରରେ ରାଜମିସ୍ତ୍ରୀ ସଂଘ, ବଢ଼େଇ ସଂଘ, ପ୍ଲମ୍ବର ସଙ୍ଘ, କାରିଗର ସଂଘଙ୍କ ସମେତ ବିଭିନ୍ନ ୟୁନିୟନ ପକ୍ଷରୁ ସ୍ଥାନୀୟ ଚାମୁରିଆଗୁଡ଼ା ଛକରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପାରମ୍ପରିକ ନାଚ, ବାଦ୍ୟରେ ଶୋଭାଯାତ୍ରା ସର୍କିଟ ହାଉସ ପଡିଆ ପହଞ୍ଚି ଥିଲା। ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରମିକମାନଙ୍କ ସମସ୍ୟା, ସୁବିଧା ସୁଯୋଗ, ଦାବି ଓ ରହିଥିବା ନିୟମାବଳୀ ଉପରେ ସଂଘର କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ।




ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ଭାଜପା ପାଇଁ ପ୍ରଚାର କଲେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ



ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଭାଜପା ନେତାମାନେ।

**କୋଷାଗୁମୁଡ଼ା/ଡାବୁଗାଁ, ୨।୫ (ପ୍ରସାଦ ବିଷୋୟୀ/ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ମହକୁମା ଜାହାଜଭଟ୍ଟାଠାରେ ଗୁରୁବାର ବ୍ଲକ ଭାଜପାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ତ୍ରିପୁରା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ କେନ୍ଦ୍ରୀୟ ଯୋଜନା ଓ ଦଳୀୟ ସଙ୍ଗଠନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଡାବୁଗାଁ ନିର୍ବାଚନ ମଣ୍ଡଳୀ କୋଷାଗୁମୁଡ଼ା ବ୍ଲକର ୧୫ ପଞ୍ଚାୟତରୁ ବିଭିନ୍ନ ଦଳର କର୍ମୀ ଭାଜପାରେ ମିଶିଥିଲେ।

ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣୀ ମଣ୍ଡପରେ ମଧ ଭାଜପାର ଏକ କର୍ମୀ ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଯୋଗ ଦେଇଥିଲେ ଭାଜପା ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ ଏବଂ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କୁ ଜିତାଇବାକୁ ସେ ଆହ୍ୱାନ କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଭାଜପା ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ଲିଙ୍ଗରାଜ ଭତ୍ରା, ପ୍ରହ୍ଲାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଚାରକଲେ କେନ୍ଦ୍ରମନ୍ତ୍ରୀ



ଶାନ୍ତନୁ ଠାକୁର ଉଦ୍‌ବୋଧନ ଦେଉଛନ୍ତି ।

**ରାଇଘର, ୨।୫(କିରଣ ପଟ୍ଟନାୟକ)**

କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଶାନ୍ତନୁ ଠାକୁର ନବରଙ୍ଗପୁରରେ ପହଞ୍ଚି ଗୁରୁବାର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ପୂର୍ବାହ୍ନ ପ୍ରାୟ ୧୦ଟା ୫୫ରେ ହେଲିକପ୍ଟର ଯୋଗେ ରାଇଘର ମିନିଷ୍ଟାଡିୟମରେ ପହଞ୍ଚି ସେଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ବଙ୍ଗଳାରେ ଭାଷଣ ଦେଇ ସିଏଏ ଦ୍ୱାରା ଏଠାକାର ବଙ୍ଗୀୟ ଲୋକେ କେତେ ଲାଭାନ୍ୱିତ ହେବେ ସେ ସମ୍ପର୍କରେ ମତ ଦେଇଥିଲେ। ମତୁଆ ସମ୍ପ୍ରଦାୟଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପରିଚୟ ଦେଇଛନ୍ତି ବୋଲି ସେ କହିଥିଲେ। ଡବଲ ଇଞ୍ଜିନ ସରକାର ପାଇଁ ଲୋକଙ୍କୁ ଉଦ୍‌ବୋଧନ ଦେଇ ଦଳର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ସେ କହିଥିଲେ। ପ୍ରକାଶ ଯେ, ଉମରକୋଟ ନିର୍ବାଚନମଣ୍ଡଳୀରେ ୪୦ ହଜାରରୁ ଊର୍ଦ୍ଧ୍ୱ ବାଙ୍ଗୀୟ ଭାଷାଭାଷୀ ଭୋଟର ରହିଛନ୍ତି। ବଙ୍ଗୀୟ ଭୋଟର ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ଏଣୁ ଏହି ଭୋଟବ୍ୟାଙ୍କ ଉପରେ ସମସ୍ତଙ୍କ ନଜର ରହିଥାଏ।

## କେନ୍ଦ୍ର ମନ୍ତ୍ରୀଙ୍କ ହେଲିକପ୍ଟର ଯାଞ୍ଚ

**ରାଇଘର, ୨।୫(କିରଣ ପଟ୍ଟନାୟକ)**

କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଗୁରୁବାର ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ରାଇଘରସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ନିର୍ବାଚନ ସଭାରେ ଯୋଗ ଦେଇଥିଲେ। ଏହି ସମୟରେ ନିର୍ବାଚନ କର୍ମଶନରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରମନ୍ତ୍ରୀଙ୍କ ହେଲିକପ୍ଟରକୁ ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ ତଥା ରାଇଘର ବିଡିଓ ଲକ୍ଷ୍ମୀସାଗର ମାଝି ଓ କନିଷ୍ଠ ଯନ୍ତ୍ରୀ ଦୁର୍ଗାଚରଣ ହାଁସଦା ଯାଞ୍ଚ କରିଥିଲେ। ପ୍ରାୟ ୨୦ ରୁ ୨୫ ମିନିଟ୍ ଯାଞ୍ଚ କରାଯିବା ପରେ ସେଥିରୁ କିଛି ନ ମିଳିବାରୁ ତାହାକୁ ଯିବାକୁ ଦିଆଯାଇଥିଲା ବୋଲି ସୂଚନା ମିଳିଛି।



ହେଲିକପ୍ଟରକୁ ଯାଞ୍ଚ କରାଯାଉଛି।

# ଗୋଦାମରୁ ମିଳିଲା ୧୧୭ କୁଇଣ୍ଟାଲ ମହୁଲ

**ଉମରକୋଟ, ୨।୫(ସନ୍ତୋଷ ଶତପଥୀ)**



ଅଧିକାରୀମାନେ ଗୋଦାମରେ ଯାଞ୍ଚ କରୁଛନ୍ତି।

**ଉମରକୋଟ ଅବକାରୀ ବିଭାଗର ଚଢ଼ାଉ**

- ଜଣେ ଅଭିଯୁକ୍ତ ଗିରଫ, ଅନ୍ୟ ଜଣେ ଫେରାର
- ଜବତ ମହୁଲର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା

ନବରଙ୍ଗପୁର ଜିଲା ଅବକାରୀ ବିଭାଗ ଏକ ଗୋଦାମ ଘରେ ବେଆଇନଭାବେ ଗଚ୍ଛିତ ଥିବା ୧୧୭ କୁଇଣ୍ଟାଲ ମହୁଲ ଗୁରୁବାର ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଦେବବ୍ରତ ମଜୁମଦାର। ଅଭିଯୁକ୍ତ ରଖିରାମ ପାତ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶା ଅବକାରୀ ଆୟୁକ୍ତ ନରସିଂହ ଭୋଳ ଓ ନବରଙ୍ଗପୁର ଜିଲାପାଳ ଡ. କୋମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ପଦମଝରି ଗ୍ରାମସ୍ଥିତ ରଖିରାମ ପାତ୍ରଙ୍କ ଗୋଦାମରେ ବେଆଇନଭାବେ ମହୁଲ ଗଚ୍ଛିତ ଥିବା ନେଇ ବିଶେଷ ସୂତ୍ରରୁ ଖବରପାଇ ନବରଙ୍ଗପୁର ଜିଲା ଅବକାରୀ ୟୁନିଟ୍, ଡାବୁଗାଁ ଅବକାରୀ ସବ୍‌ଇନ୍ସପେକ୍ଟର, ପାପଡ଼ାହାଣ୍ଡି ଓ ଉମରକୋଟ ଅବକାରୀ ଥାନା କର୍ମଚାରୀ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଅବକାରୀ କର୍ମଚାରୀମାନେ ୧୧୭ କୁଇଣ୍ଟାଲ ୬୬ କି.ଗ୍ରା. ମହୁଲ ଜବତ କରିଥିଲେ। ଏହାର ବଜାର ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ ବୋଲି ଉମରକୋଟ ଅବକାରୀ ଥାନା ଓଆଇସି ତିଳକ ରାମ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତ ରଖିରାମ ପାତ୍ର ଫେରାର ହୋଇଯାଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଦେବବ୍ରତ ମଜୁମଦାରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଜବତ ମହୁଲକୁ ଅବକାରୀ କର୍ମଚାରୀମାନେ ଓଏସ୍ ଶପ୍‌କୁ ହସ୍ତାନ୍ତର କରିଛନ୍ତି। ଏହି ଚଢ଼ାଉରେ ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରା, ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ବି. ମଣ୍ଡଳ, ଉମରକୋଟ ଅବକାରୀ ଇନ୍ସପେକ୍ଟର ରଞ୍ଜୁଲତା ବାରିକ, ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ଦିଲୀପ ରଥ, ଉମରକୋଟ ଅବକାରୀ ଥାନା ଓଆଇସି ତିଳକରାମ ନାୟକ, ଡାବଗାଁ ଥାନାର ଓଆଇସି ବୁଲୁ ପାତ୍ର, ପାପଡ଼ାହାଣ୍ଡି ଅବକାରୀ ଥାନାର ଓଆଇସି ଦେଶରାଜ ସୁନା, ଉମରକୋଟ ଅବକାରୀ ଥାନା ଏଏସ୍ଆଇ ମାଖନ ହାଲ୍‌ଦାର, ଅବକାରୀ କନଷ୍ଟେବଳ ସୁବାସ ଗୌଡ଼, ଦେବାଶିଷ ଦାସ, ଅନନ୍ତ ମଲିକ, ପ୍ରସାଦ ବଳବନ୍ତରାୟ, ମହେନ୍ଦ୍ର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

